ଧରିତ୍ରୀ
DHARITRI

05th Dec, 2020

# 'କଠିନ ପରିଶ୍ରମ ହିଁ ସ୍ୱପ୍ନକୁ ସାକାର କରିବ'

## ଆଇଆଇଟି ଭୁବନେଶ୍ୱରର ୯ମ ସମାବର୍ତ୍ତନ ଉତ୍ସବ

କଟଣୀ,୪।୧୨(ଡି.ଏନ୍.ଏ.)

ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି (ଆଇଆଇଟି) ଭୁବନେଶ୍ୱରର ୯ମ ସମାବର୍ତ୍ତନ ଉତ୍ସବ ଶୁକ୍ରବାର କଟଣୀସ୍ଥିତ କ୍ୟାମ୍ପସରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ରମେଶ ପୋଖରିଆଲ୍ ନିଶଙ୍କ ଭିଡିଓ କନଫରେନ୍ସ ମାଧ୍ୟମରେ ଯୋଗଦେଇ କଠିନ ପରିଶ୍ରମ ଓ ଅଧ୍ୟବସାୟ ଦ୍ୱାରା ନିଜ ସ୍ୱପ୍ନ ସାକାର କରିପାରିବେ ବୋଲି ବିଦ୍ୟାର୍ଥୀଙ୍କୁ ପରାମର୍ଶ ଦେଇଥିଲେ। ଏଥିସହ ନୂତନ ବିଦ୍ୟାର୍ଥୀଙ୍କ ଭବିଷ୍ୟତକୁ ସୁଦୃଢ଼ କରିବା ଦିଗରେ କେନ୍ଦ୍ର ସରକାରଙ୍କ ଶିକ୍ଷାନୀତି-୨୦୨୦ ସୁଦୂର ପଥ ସୃଷ୍ଟି କରିବ ବୋଲି କହିଛନ୍ତି। କୋଭିଡ୍ ସ୍ଥିତିକୁ ଦୃଷ୍ଟିରେ ରଖି ଏହି ଉତ୍ସବ ଉଭୟ ଅନ୍‌ଲାଇନ୍ ଓ ଫିଜିକାଲ ମୋଡ୍‌ରେ ଆୟୋଜିତ ହୋଇଥିଲା। ଆଇଆଇଟି ବୋର୍ଡ ଅଫ୍ ଗଭର୍ନସ ଚେୟାରମ୍ୟାନ ଡ. ରାଜେନ୍ଦ୍ର ପ୍ରସାଦ ସିଂ ଅନ୍‌ଲାଇନ୍ ମାଧ୍ୟମରେ ଏହି ଉତ୍ସବରେ ପୌରୋହିତ୍ୟ କରିଥିଲେ। କେନ୍ଦ୍ର ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ସଞ୍ଜୟ ଧୋତ୍ରେ ଅନ୍ୟତମ ଅତିଥିଭାବେ ଯୋଗଦେଇ ଭାରତ ସରକାରଙ୍କ ଆତ୍ମନିର୍ଭର ଭାରତ ଅଭିଯାନ ଦେଶ ମଧ୍ୟରେ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରି ଆତ୍ମ ନିର୍ଭରଶୀଳ ଦିଗରେ ଅଗ୍ରଣୀ ଭୂମିକା ଗ୍ରହଣ କରିବ ବୋଲି କହିଥିଲେ। ଆଇଆଇଟି ନିର୍ଦ୍ଦେଶକ ପ୍ରଫେସର ଆର୍. ଭି. ରାଜା କୁମାର ରିପୋର୍ଟ ପାଠକରି ଦେଶ ବିଦେଶରେ ଏହି ଶିକ୍ଷାନୁଷ୍ଠାନ ଅର୍ଜନ କରିଥିବା କୃତି ଉପରେ ସୂଚନା ଦେଇଥିଲେ। ଏହି ଅବସରରେ ବିଟେକ୍ କମ୍ପ୍ୟୁଟର ସାଇନ୍ସ ଓ ଇଞ୍ଜିନିୟରିଂ ଛାତ୍ର ଆଦିତ୍ୟ ପାଲଙ୍କୁ ରାଷ୍ଟ୍ରପତି ସ୍ୱର୍ଣ୍ଣପଦକ ସହ ଇନ୍‌ଷ୍ଟିଚ୍ୟୁଟ୍ ରୌପ୍ୟ ପଦକ ପ୍ରଦାନ କରାଯାଇଥିଲା। ସେହିପରି ଏମ୍‌ଟେକ୍‌ର ସଙ୍କେତ ଦେ ଚୌଧୁରୀ ଏବଂ ଏମ୍‌ଏସ୍‌ସିର ସୌଭିକ୍ ଚକ୍ରବର୍ତ୍ତୀଙ୍କୁ ନିର୍ଦ୍ଦେଶକ ସ୍ୱର୍ଣ୍ଣପଦକ ସହ ଇନ୍‌ଷ୍ଟିଚ୍ୟୁଟ୍ ରୌପ୍ୟପଦକ ପ୍ରଦାନ କରାଯାଇଥିଲା। ବିଟେକ୍‌ର ଅରବିନ୍ଦ ଟି.କେ.ଆର୍, ଅଭିଷେକ ମିଶ୍ର, ଅମନ ସିଂଘାଲ, ମନପୁରମ୍ ଜ୍ୟୋତି ଭେଙ୍କଟସାଇ ଆଦିତ୍ୟ ଏବଂ ଶୁଭଜିତ ମଣ୍ଡଳ ଇନ୍‌ଷ୍ଟିଚ୍ୟୁଟ୍ ରୌପ୍ୟପଦକ ହାସଲ କରିଥଲେ। ସେହିପରି ଏମ୍‌ଟେକ୍‌ରେ ଦୁସାନେ ଆଜିଙ୍କ୍ୟ ରାଜେନ୍ଦ୍ର, ପ୍ରିୟବ୍ରତ ଦାସ, ଅନୁପ କୁମାର ଯାଦବ, ଗୌରବ ଭଟ୍ଟାଚାର୍ଯ୍ୟ, ଖାଦକେ ଲିନା ସଞ୍ଜୟ ଓ ଦେବଜିତ ରାଣାଙ୍କୁ ରୌପ୍ୟପଦକ ଦିଆଯାଇଥିଲା । ଏମ୍‌ଏସି ବ୍ୟାଚ୍‌ରେ ଅଧାଇନା ସୁସାନ ଜେମ୍‌ସ, ଦେବବ୍ରତ ମଣ୍ଡଳ, ସୁଦେଷ୍ଣା ଗୋସ୍ୱାମୀ ଏବଂ ଅର୍କପ୍ରଭା ରାୟଙ୍କୁ ରୌପ୍ୟ ପଦକ ପ୍ରଦାନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଷ୍ଟୁଡେଣ୍ଟ ଆକ୍ଟିଭିଟିଜ୍ ସେଣ୍ଟର, ଖେଳପଡ଼ିଆ, ସ୍କୁଲ ଅଫ୍ ହ୍ୟୁମାନିଟିଜ ବିଲ୍ଡିଂ ମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା।



ସମାବର୍ତ୍ତନ ଉତ୍ସବରେ ଯୋଗଦେଇଥିବା ଅତିଥି ବୃନ୍ଦ।